## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

କବିସୂର୍ଯ୍ୟନଗର,୧୨।୯-କବିସୂର୍ଯ୍ୟନଗର ଥାନା ବଳିଆପଲି ଗ୍ରାମ ନିକଟ ବାଘୁଆ ନଦୀ ହିଡ଼ର ଏକ ବିଦ୍ୟୁତ ଖୁଣ୍ଟରେ ଗାମୁଛା ଲଗାଇ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ହୁମୁକି ଗ୍ରାମର ବସନ୍ତ ନାହାକ (୨୮)। ମୃତକ ଭାଇ ସନ୍ତୋଷଙ୍କ ଏତଲା କ୍ରମେ ପୋଲିସ ନଂ. ୨୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବସନ୍ତ ସୁରାଟରେ ରହୁଥିଲେ। ଶନିବାର ତାଙ୍କର ସୁରାଟ ଯିବାର ଥିଲା। କିନ୍ତୁ ପରିବାର ଲୋକେ ତାଙ୍କୁ ବାହା ହେବା ପ୍ରସ୍ତାବ କହିବାରୁ ସେ ମନା କରି ମରିଯିବି କହି ରାତିରେ କୁଆଡ଼େ ପଳେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ପାଇନଥିବା ବେଳେ ସେ ନିଶାସକ୍ତ ହୋଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ହେଲ୍‌ମେଟ ଚେକିଂ ସହ ଜରିମାନ ଆଦାୟ

ଶେରଗଡ଼,୧୨।୯(ଡି.ଏନ.ଏ.)-ଶେରଗଡ଼ ପୋଲିସ ପକ୍ଷରୁ ଶନିବାର ଥାନା ସମ୍ମୁଖରେ ବ୍ଲକିଂ କରି ହେଲ୍‌ମେଟ୍ ଚେକିଂ କରାଯାଇଛି। ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଓ ଏଏସ୍‌ଆଇ ବିଷ୍ଣୁପ୍ରସାଦ ଦାଶଙ୍କ ନେତୃତ୍ୱରେ ଶେରଗଡ଼ରୁ ବଡ଼ଗଡ଼ ଯାଉଥିବା ବହୁ ବାଇକ୍‌ରୁ ହେଲ୍‌ମେଟ ପିନ୍ଧି ନ ଥିବା ଆରୋହୀଠାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି,୧୨।୯(ଡି.ଏନ.ଏ.)-ଆର.ଉଦୟଗିରି ପୋଲିସ ଶୁକ୍ରବାର ଏକ ବୋଲେରୋରୁ ୫୭୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ି ଡ୍ରାଇଭର ଅଡ଼ବା ଥାନା ଡ଼େଙ୍କାପଙ୍କା ଗ୍ରାମର ସୁବଳ ପରିଚ୍ଛା, ପୂର୍ଣ୍ଣ ବିଶୋୟୀ ଓ ଆର.ଉଦୟଗିରି ଥାନା ଏନ.ଝାଲରସିଂ ଗ୍ରାମର ସୁଶାନ୍ତ ପରିଚ୍ଛା। ଅଭିଯୁକ୍ତମାନେ କଟାମା ଓ ପାଜିଗୁଡ଼ି ଅଞ୍ଚଳରୁ ଗଞ୍ଜେଇ କିଣି ଗାଡ଼ିରେ ଗଞ୍ଜାମ ଜିଲାକୁ ଚାଲାଣ କରୁଥିଲେ। ଖବର ପାଇ ଅଡ଼ବା ପୋଲିସ ଗାଡ଼ି ସହ ସେଥିରେ ଥିବା ଗଞ୍ଜେଇ ଜବତ କରିଥିଲା। ନଂ. ୮୦/୨୦ ଅନୁଯାୟୀ ଶନିବାର ସମସ୍ତଙ୍କୁ ଅଭିଯୁକ୍ତ କୋର୍ଟଚାଲାଣ କରାଯାଇଥିବା ଅଡ଼ବା ପୋଲିସ କହିଛି।

### ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ, ଧମକଚମକ ଅଭିଯୁକ୍ତ ଗିରଫ

ଆସିକା, ୧୨।୯ (ଡି.ଏନ୍.ଏ)- ଆସିକା ଥାନା ଇଲାକାରେ ଜଣେ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗୀତ ଦେବା ସହ ଧମକଚମକ ଦେବା ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାହ୍ନୁ ପଣ୍ଡା। ଏ ନେଇ ଆସିକା ଥାନାରେ ନଂ.୪୫୭/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍ସୋ ଅଦାଲତରେ ହାଜର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତି କୁମାର ସାହୁ କହିଛନ୍ତି। କାହ୍ନୁ ଯୁବତୀଙ୍କୁ ଗତ ୧ ବର୍ଷ ହେଲା ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଯୁବତୀ ଜଣକ ଅଭିଯୁକ୍ତଙ୍କୁ ଏଥିରୁ ନିବୃତ୍ତ ରହିବାକୁ ତାଗିଦ୍ କରିବାରୁ କାହ୍ନୁ ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ।

# ବିପଦରେ ଡାଇବେଟିସ୍, ରକ୍ତଚାପ ପୀଡ଼ିତଙ୍କ ଜୀବନ

ଛତ୍ରପୁର,୧୨।୯( ଡି.ଏନ.ଏ.)

- ଅଧିକାଂଶଙ୍କ କରୋନାରେ ମୃତ୍ୟୁ ହେଲାଣି
- ଠିକ୍ ସ୍ୱାସ୍ଥ୍ୟସେବା, ପରୀକ୍ଷାରୁ ବଞ୍ଚିତ
- ୩୧୯ ଡାକ୍ତର, ୫୪୨ ନର୍ସ ପଦବୀ ଖାଲି

ଗଞ୍ଜାମ ଜିଲାରେ ଥିବା ବିଭିନ୍ନ ରୋଗରେ ପୀଡିତ ତଥା ଅଣ କରୋନା ରୋଗୀଙ୍କ ଜୀବନ ଏବେ ବିପଦ ମଧ୍ୟରେ ରହିଛି। ବିଶେଷକରି ବର୍ଷ ବର୍ଷ ଧରି ପୀଡିତ ଡାଇବେଟିସ୍, ଉଚ୍ଚ ରକ୍ତଚାପ, କିଡ୍‌ନୀ ତଥା କ୍ୟାନ୍‌ସର, ଲିଭର ସମସ୍ୟା ଥିବା ରୋଗୀ କରୋନାରେ ଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପରେ ପୀଡିତମାନେ କରୋନାରେ ସଂକ୍ରମିତ ହେବାରେ ଲାଗିଛନ୍ତି । ଏଥିସହ ଗଞ୍ଜାମରେ ହୋଇଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶଙ୍କର ଅନ୍ୟ ରୋଗରେ ଆଗରୁ ପୀଡିତଙ୍କ ସଂଖ୍ୟା ଅଧିକ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ସହ ଦୈନିକ ଦୁଇ ଅଙ୍କରେ ସଂକ୍ରମିତଙ୍କ ସଂଖ୍ୟା ରହୁଛି। ଏଥିସହ ଗଞ୍ଜାମରେ କରୋନାରୁ ୯୫ ପ୍ରତିଶତ ସୁସ୍ଥ ହେଲେଣି। ଅପରପକ୍ଷରେ କରୋନାରେ ମତ୍ୟୁ ସଂଖ୍ୟା କମୁ ନ ଥିବାରୁ ଚିନ୍ତା ବଢ଼ିଛି। କରୋନା ସଂକ୍ରମିତଙ୍କ ମଧ୍ୟରୁ କେତେକଙ୍କ ଡାଇବେଟିସ୍, ରକ୍ତଚାପ ଆଦି ଅନ୍ୟ ରୋଗ ଥିବାରୁ ସେମାନଙ୍କର ମୃତ୍ୟୁ ହେଉଥିବା କୁହାଯାଇଛି । ଏଯାବତ କରୋନାରେ ଗଞ୍ଜାମ ଜିଲ୍ଲାର ୨୧୪ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଅଣ କୋଭିଡ୍‌ରେ ୮ ଜଣଙ୍କ ମତ୍ୟୁ ହୋଇସାରିଲାଣି । ଜିଲ୍ଲାର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ସିଟି ହସ୍ପିଟାଲରେ କୋଭିଡ୍ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି । ଅନ୍ୟ ରୋଗରେ ପୀଡିତଙ୍କୁ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ମିଳିପାରୁ ନ ଥିବା ଦେଖିବାକୁ ମିଳିଛି । ଗଞ୍ଜାମରେ କରୋନା ଭୟ ନେଇ ଅନ୍ୟ ରୋଗରେ ପୀଡିତମାନେ ୫ ମାସ ହେଲା ନିୟମିତ ଡାଇବେଟିସ୍ ଓ ରକ୍ତଚାପ ପରୀକ୍ଷା କରିପାରୁନାହାନ୍ତି। ଏପରିକି ନିଜର ମାସିକ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ବିଶେଷଜ୍ଞ ମାନଙ୍କ ନିକଟକୁ ଯାଇପାରୁନାହାନ୍ତି । ଅନେକଙ୍କର ଅକ୍ସିଜେନ ସମସ୍ୟା ମଧ ଅଛି। ହସ୍ପିଟାଲ ଓ ଘରୋଇ ନର୍ସିଂହୋମ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରରେ କରୋନା ଭୟ ଅଛି। ସେଠାରେ ଥିବା ଷ୍ଟାଫମାନେ ମଧ କରୋନାରେ ସଂକ୍ରମିତ ହେବାରେ ଲାଗିଛନ୍ତି। ଏଥିପାଇଁ ସେଠାରେ ସ୍ୱାସ୍ଥ୍ୟ ସେବା ଏବଂ ବିଭିନ୍ନ ପରୀକ୍ଷା ସୀମିତ ରହିଛି। ଫଳରେ ଡାଇବେଟିସ୍ ଓ ରକ୍ତଚାପ ନିୟନ୍ତ୍ରଣରେ ରହୁନି। ହାଇପରଟେନସନ ଯୋଗୁ ମାନସିକ ଚାପ ବଢୁଛି । ପରେ କରୋନା ଓ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ଏମାନଙ୍କର ମୃତ୍ୟୁ ସଂଖ୍ୟା ଜିଲାରେ ବଢ଼ିବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗଞ୍ଜାମରେ ୩୧୯ ଡାକ୍ତର ପଦବୀ ଖାଲି ପଡିଛି । ଜିଲାରେ ୫୩୭ ଡାକ୍ତର ରହିବା କଥା । ମାତ୍ର ୨୧୮ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେହିପରି ଜିଲାରେ ୬୫୬ ଷ୍ଟାଫ ନର୍ସ ବଦଳରେ ୯୬ ଜଣ ଅଛନ୍ତି। ୫୪୨ ନର୍ସ ପଦବୀ ଖାଲି ପଡିଛି। ୬୩ ଫାର୍ମାସିଷ୍ଟ, ୮୫ ମହିଳା ସ୍ୱାସ୍ଥ୍ୟକର୍ମୀ, ୨୨୩ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୩୬ ଲ୍ୟାବ ଟେକ୍ନିସିଆନ, ୧୩ ରେଡ଼ିଓ ଗ୍ରାଫର, ୧୩ ଆୟୁଷ ଡାକ୍ତର, ୧୨୧ ନର୍ସ ପଦବୀ ଖାଲି ପଡ଼ିଥିବା ଜଣାପଡିଛି।

# ଜମିରେ କେନାଲ ଜଳ ନ ମାଡ଼ିବା ନେଇ ଚାଷୀ ଅସନ୍ତୋଷ

ବୁଗୁଡ଼ା,୧୨।୯ (ଡି.ଏନ.ଏ.)


ତଦନ୍ତ କରୁଛନ୍ତି ଅଧିକାରୀ।

- ୩୦୦୦ ଭରଣ ଚାଷ ଜମି ପ୍ରଭାବିତ
- ପରିସ୍ଥିତି ଅନୁଧ୍ୟାନ କଲା ପ୍ରଶାସନ

ବୁଗୁଡ଼ା ଏନ୍‌ଏସି ଉପକଣ୍ଠ ନିକଟରେ ଥିବା ୩୦୦୦ ଭରଣ ଜମିକୁ କେନାଲ ଜଳ ନ ମାଡ଼ିବା ନେଇ ଦିନକୁ ଦିନ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ଅଭିଯୋଗ ପାଇ ଶନିବାର ସ୍ଥାନୀୟ ତହସିଲ, ଏନ୍‌ଏସି ଓ ଜଳସେଚନ ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି। ବୁଗୁଡ଼ା ଏନ୍‌ଏସି ଉପକଣ୍ଠରେ ଥିବା ୩୦୦୦ ଭରଣ ଧାନ ଚାଷ ହେଉଥିବା ଜମିକୁ ଦୀର୍ଘ ବର୍ଷ ଧରି ବାଘୁଆ ୨୪ ଏଲ କେନାଲ ଦେଇ ଜଳ ଆସୁଥିଲା। ଏହି ଜଳ କେନାଲରେ ଆସି ବାଲିପିଣ୍ଡି, ବେଙ୍ଗେଇବନ୍ଧ ଓ ସମତବନ୍ଧ ଦେଇ ଉକ୍ତ ଜମିକୁ ଯାଉଥିଲା। କିନ୍ତୁ ଚଳିତ ବର୍ଷ ଏହି ଜଳଯୋଗାଣ ହୋଇପାରୁନଥିବାରୁ ଧାନ ଅମଳରେ ବାଧକ ସାଜୁଛି। ୨୪ ଏଲ କେନାଲ ଜଳ ବେଙ୍ଗେଇ ବନ୍ଧରେ ପଶି ଜମିରେ ମାଡୁଥିବା ବେଳେ ଏନ୍‌ଏସିର କିଛି ୱାର୍ଡରେ ପ୍ରବାହିତ ଡ୍ରେନର ଦୂଷିତ ଜଳ ଉକ୍ତ କେନାଲରେ ମିଶି ବେଙ୍ଗେଇ ବନ୍ଧକୁ ପ୍ରବେଶ କରୁଥିଲା। ଫଳରେ ପୋଖରୀର ଜଳ ଦୂଷିତ ହେବା ଯୋଗୁଁ ଉକ୍ତ କେନାଲର ଜଳକୁ ବନ୍ଦ କରାଯାଇଛି। ଫଳରେ କେନାଲ ଜଳ ଜମିକୁ ଯୋଗାଇବାରେ ପ୍ରତିବନ୍ଧକ ପାଲଟିଛି। ତେବେ ଚାଷୀଙ୍କ ଅଭିଯୋଗ ପାଇ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ଜଳସେଚନ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଖଟେଇ ଘଟଣାସ୍ଥଳକୁ ଯାଇ ଯୁଗ୍ମ ତଦନ୍ତ ସହ ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର କହିଛନ୍ତି।

# ଏକାକୀ ଚାଷ କରି ସଫଳତା ପାଇଲେ ମିତା

ଦାରିଙ୍ଗବାଡ଼ି,୧୨।୯(ଡି.ଏନ.ଏ)


ମିତା ପ୍ରଧାନ ଏବଂ ତାଙ୍କ କୋବି ଫସଲ।

ସବୁ ପ୍ରତିକୂଳ ପରିବେଶର ସାମନା କରି ଆଗକୁ ବଢ଼ିବା ସହ ସ୍ୱାମୀଙ୍କୁ ହରାଇ ମଧ ମନୋବଳକୁ ଦୃଢ଼ କରି ନିଜ ରୋଜଗାର ପାଇଁ ଅଣ୍ଟା ଭିଡ଼ିଛନ୍ତି ଜଣେ ମହିଳା ଚାଷୀ । ସେ ହେଲେ ଉକ୍ତ ବ୍ଲକ ସୁନ୍ଦରପଦା ଗ୍ରାମର ମିତା ପ୍ରଧାନ (୨୮)। ୨୦୧୮ରେ ମିତାଙ୍କ ସ୍ୱାମୀ ମିଳନଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ମିତାଙ୍କ ୨ଟି ଛୋଟ ଝିଅ ଅଛନ୍ତି। ସ୍ୱାମୀଙ୍କୁ ହରାଇବା ପରେ ନିଜ ପରିବାରର ପ୍ରତିପୋଷଣ ନେଇ ପ୍ରଥମେ ଚିନ୍ତାରେ ପଡ଼ିଥିଲେ ମିତା। ପରେ ଅନ୍ତରଙ୍ଗ ଯୁବସଂଘ, ଜାଗୃତି ପକ୍ଷରୁ ତାଙ୍କୁ କିଛି ସହାୟତା ରାଶି ପ୍ରଦାନ କରାଯାଇ ଚାଷ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିଦିନରୁ ମିତା ନିଜ ଝିଅମାନଙ୍କ ଯତ୍ନ ନେବା ସହ ପ୍ରଥମେ କୋବି ଚାଷ ସହ ବାଦାମ ଚାଷ କରି ଦି' ପଇସା ରୋଜଗାର କରି ପରିବାର ସହ ହସଖୁସିରେ ଚଳିଲେ। ଚଳିତ ବର୍ଷ ମଧ ସେ ବନ୍ଧା କୋବି ସହ ବାଦାମ ଚାଷ କରିଛନ୍ତି । ସେ ଜୈବିକ ପଦ୍ଧତିରେ ଏହି ଚାଷ କରିବା ପାଇଁ ସମସ୍ତ ତାଲିମ ନେଉଛନ୍ତି । ଏଥିପାଇଁ ତାଙ୍କୁ ଅନ୍ତରଙ୍ଗ ଏବଂ ଜାଗୃତି ସମସ୍ତ ସହଯୋଗ କରୁଥିବା କହିଛନ୍ତି। ଆଗକୁ ସେ ଏହି ଚାଷ କାର୍ଯ୍ୟ ଆହୁରୀ ଅଧିକା କରିବେ ବୋଲି କହିବା ସହ ବିଭିନ୍ନ ପନିପରିବା ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ତରଙ୍ଗ ଯୁବ ସଂଘର ବ୍ଲକ ସଂଯୋଜକ କହିଛନ୍ତି ଯେ, ମିତାଙ୍କୁ ଏବେ କୋଭିଡ ପାଇଁ ସହୟତା କରାଯାଇଛି। ଏଥି ସହ ତାଙ୍କ ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ପରାମର୍ଶ ପ୍ରଦାନ କରାଯାଉଛି। ମିତା ଉକ୍ତ ଅଞ୍ଚଳପାଇଁ ଉଦାହରଣ ସାଜିଛନ୍ତି ବୋଲି ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ମିତାଙ୍କ ଭଳି ଅନ୍ୟ ମହିଳା ମାନେ ମଧ ହଳଦୀ ଚାଷ ସହ କ୍ଷୁଦ୍ରଦାନା ଚାଷରେ ମାଣ୍ଡିଆ, କୁଏରି, କାଙ୍ଗୁ, ଜନା ସହ ପନିପରିବା ଚାଷ କରୁଛନ୍ତି। ସେମାନଙ୍କୁ ପରାମର୍ଶ ଦିଆଯିବା ସହ ଆତ୍ମ ନିର୍ଭରଶୀଳ କରାଯାଉଥିବା କହିଛନ୍ତି ।

### ମୋଟର ପମ୍ପ ଚୋରି ,୫ ଗିରଫ

ଆସିକା,୧୨।୯(ଡି.ଏନ୍.ଏ)

ଗାଙ୍ଗପୁର ଥାନା ଅନ୍ତର୍ଗତ ବଡବୋରସିଙ୍ଗି ଗ୍ରାମରେ ନିର୍ମାଣାଧୀନ ଅଙ୍ଗନବାଡି କେନ୍ଦ୍ରରୁ ଏକ ପାଣି ପମ୍ପ ଓ ମୋଟର ଚୋରି ଅଭିଯୋଗରେ ପୋଲିସ ଶୁକ୍ରବାର ୫ଜଣଙ୍କୁ କୋର୍ଟଚାଲଣ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ମୋଟର ଓ ପମ୍ପ ଉଦ୍ଧାର କରାଯାଇଛି । ସେମାନେ ହେଲେ ସୁଦର୍ଶନ ବେହେରା, ନିଳମାଧବ ବାଡତ୍ୟା, ସମୀର କୁମାର ଗୌଡ, ଗୌତମ ନାୟକ ଓ ବନମାଳି ନାୟକ। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୨୫୯/୨୦ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ ଲକଡାଉନ ପରିସ୍ଥିତିରେ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ସବୁ ଚୋରି କରି ବାହାରେ ବିକ୍ରି କରିଦେଇଥିଲେ। ବୁଧବାର ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କେନ୍ଦ୍ରର ତାଲା ଖୋଲିଲା ବେଳେ ତାଲା ଭାଙ୍ଗି ଏହି ଚୋରି ହୋଇଥିବା ଦୃଷ୍ଟିକୁ ଆସିବା ପରେ ପୋଲିସରେ ଅଭିଯୋଗ କରିଥିଲେ।

# ଦାରିଙ୍ଗବାଡ଼ିରେ ଶୀତ ସହ ଘନକୁହୁଡ଼ି


ଘନ କୁହୁଡ଼ି।

ଦାରିଙ୍ଗବାଡ଼ି,୧୨।୯(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର କିଛି ସ୍ଥାନରେ ଗତ ଦୁଇଦିନ ହେଲା ବର୍ଷା ହେବା ସହ ତାପମାତ୍ରା କମିବାରେ ଲାଗିଛି। ଶନିବାର ସକାଳେ ଶୀତ ଅନୁଭୂତ ହେବା ସହ ୧୯ ଡିଗ୍ରୀ ତାପମାତ୍ରା ରହିଥିବା ଶୀତତାପ ରେକର୍ଡ଼ ସଂଗ୍ରହ କରୁଥିବା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ପୁରୁଷୋତ୍ତମ ସାହୁ ସୂଚନା ଦେଇଛନ୍ତି। ଘନକୁହୁଡ଼ି ହେବା ଯୋଗୁଁ ଗାଡ଼ିମୋଟର ଯାତାୟାତରେ ସମସ୍ୟା ଦେଖାଯାଇଛି । ବିଳମ୍ବିତ ରାତି ଠାରୁ ଏହି କୁହୁଡ଼ି ବୃଦ୍ଧି ପାଇ ସକାଳ ୮ଟା ପର୍ଯ୍ୟନ୍ତ ଲାଗିରହୁଛି । ସେହିପରି ୩୬ ମି.ମି ବର୍ଷା ହୋଇଥିବା ରେକର୍ଡ ସଂଗ୍ରହ କରାଯାଇଛି। ବର୍ଷା କାରଣରୁ ଫୁଲ ସହ ବନ୍ଧା କୋବି, ବାଇଗଣ, ଭେଣ୍ଡି ଭଳି ଚାଷରେ କ୍ଷତି ହେଉଥିବା ଜଣାପଡ଼ିଛି। ଅଞ୍ଚଳରେ ଗତ କିଛି ଦିନ ହେଲା ପାହାନ୍ତିଆ ଶୀତକୁ ନେଇ ଚଳିତ ବର୍ଷ ଶୀଘ୍ର ଶୀତ ଆସିଯିବ ବୋଲି ଆଶଙ୍କା କରାଯାଇଛି। ବର୍ଷା ଯୋଗୁ ଶୀତ ମଧ ଧୀରେ ଧୀରେ ବୃଦ୍ଧି ପାଉଛି।

# ଚୋରାମଦ କାରବାରରେ ୧୦ ଗିରଫ

ଭଞ୍ଜନଗର,୧୨।୯(ଡି.ଏନ.ଏ)


ଅଭିଯୁକ୍ତଙ୍କ ଗହଣରେ ଅବକାରୀ ବିଭାଗ କର୍ମଚାରୀ।

ଲକ୍‌ଡ଼ାଉନ, ଶଟ୍‌ଡ଼ାଉନ କୋହଳ ହେବା ପରେ ଭଞ୍ଜନଗର ଉପଖଣ୍ଡରେ ଲୋକଙ୍କ ଚଳପ୍ରଚଳ ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି । ଏଥିସହ ଚୋରା ମଦ କାରବାର ମଧ ପୂର୍ବ ଅପେକ୍ଷା ବଢ଼ିଯାଇଛି। ଶୁକ୍ରବାର ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ୧୩ଟି ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କ ଠାରୁ ୮୭୨ଲିଟର ଦେଶୀ ମହୁଲି ମଦ , ୩୪୪୩ କେଜି ଗୁଡ଼ ମିଶ୍ରିତ ପୋଚ ସହ ମଦ ରନ୍ଧା ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ କରାଯାଇଛି । ଚଢ଼ାଉରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବେଲଗୁଣ୍ଠା ତହସିଲଦାର ସରୋଜ କୁମାର ବେହେରା ଥିଲେ। ଅବକାରୀ ବିଭାଗ ଉପ ଅଧୀକ୍ଷକ ଅଭିରାମ ବେହେରା, ଆସିକା ରେଞ୍ଜ ଅଧିକାରୀ ଧୀରେନ ବେହେରା, ଏସ୍‌ଆଇ. ଦୁର୍ଯ୍ୟୋଧନ ଦିଗାଲ, ଏଏସ୍‌ଆଇ ମମତା କୁମାର ଦାସ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଭଞ୍ଜନଗର ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କ ସହ ଅବକାରୀ ବିଭାଗର କର୍ମଚାରୀମାନେ ଫଟୋ ଉଠାଇଥିଲେ। କିନ୍ତୁ କର୍ମଚାରୀମାନେ ସାମାଜିକ ଦୂରତ୍ୱ ନୀତି ନିୟମକୁ ଭୁଲିଯାଇଥିଲେ। ସାଧାରଣ ଜନତାଙ୍କ ପ୍ରତି ଯେଉଁଭଳି ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ଭାବେ ପାଳନ କରାଯାଉଛି ସରକାରୀସ୍ତରରେ ମଧ ସେଭଳି କରାଯିବା ଦରକାର।

**ସାମାଜିକ ଦୂରତ୍ୱ ନିୟମ ଭୁଲିଗଲେ କର୍ମଚାରୀ**

# ୧୦ ତୋଳା ସୁନା ସହ ୯୦ ହଜାର ଚୋରି

ବ୍ରହ୍ମପୁର ଅଫିସ, ୧୨।୯

ଟାଉନ ଥାନା ଅନ୍ତର୍ଗତ ସୋମନାଥନଗରରେ ଶୁକ୍ରବାର ଏକ ଘରୁ ୧୦ ତୋଳା ସୁନା ସହ ୯୦ ହଜାର ଟଙ୍କା ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଘର ମାଲିକ କାଲିମ ସରିଫ୍‌ଙ୍କ ଏତଲା ପରେ ପୋଲିସ ତାଙ୍କ ଘରର ଚାକରାଣୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ସୋମନାଥ ନଗରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି । ପ୍ରକାଶ ଯେ, ଶୁକ୍ରବାର ପୂର୍ବାହ୍ନରେ କାଲିମ ଓ ତାଙ୍କ ସ୍ତ୍ରୀ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ଅପରାହ୍ନରେ ସେମାନେ ଘରକୁ ଆସି ଦେଖିଲା ବେଳେ ଆଲ୍‌ମିରା ଖୋଲା ଥିଲା। ସେଥିର ସୁନା ଓ ଟଙ୍କା ନ ପାଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

# ଏମ୍‌କେସିଜିରେ ଅକ୍ସିଜେନ ପ୍ଲାଣ୍ଟ ପ୍ରସ୍ତାବ

ବ୍ରହ୍ମପୁର ଅଫିସ , ୧୨।୯

- ଭିତ୍ତିଭୂମି ଯାଞ୍ଚ ଆରମ୍ଭ
- ସରକାରଙ୍କ ସବୁଜ ସଙ୍କେତ ଅପେକ୍ଷାରେ

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ (ଏମ୍‌କେସିଜି) ମେଡିକାଲ ଉପରେ ଦକ୍ଷିଣ ଓଡିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ପୁରୀ ଜିଲା ଲୋକମାନେ ନିର୍ଭର କରୁଛନ୍ତି। ପ୍ରତିଦିନ ବହୁ ସଂଖ୍ୟାର ରୋଗୀ ଏହି ମେଡିକାଲକୁ ଆସୁଛନ୍ତି। ରୋଗୀଙ୍କ ସୁବିଧା ପାଇଁ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଥିବା ସୂଚନା ମିଳିଛି। ଏଥିପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସେମିତି କୌଣସି ବିଧିବଦ୍ଧ ଚିଠି ଆସି ନ ଥିଲେ ସୁଦ୍ଧା ଭିତ୍ତିଭୂମି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡର ଅଧିକାରୀ କିମ୍ବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ଲାଣ୍ଟ ପ୍ରତିଷ୍ଠା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ସେହିପରି ପୂର୍ତ୍ତ(ପିଡବ୍ଲୁଡି) ବିଭାଗର ଅଧିକାରୀ ଡାକ୍ତରଖାନା ପରିସରରେ ଥିବା ଖାଲିସ୍ଥାନ ନିରୂପଣ ନେଇ ପଦକ୍ଷେପ ଆରମ୍ଭ କରିଥିବା ସୂଚନା ହସ୍ତଗତ ହୋଇଛି। ଖୁବ ଶୀଘ୍ର ଏମ୍‌କେସିଜି ପାଇଁ ରାଜ୍ୟ ସରକାର ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ସବୁଜ ସଂକେତ ପ୍ରଦାନ କରିବେ ବୋଲି ଆଶା କରାଯାଉଛି। ଏମ୍‌କେସିଜି ହେଉଛି ଦକ୍ଷିଣ ଓଡିଶାର ଏକ ମାତ୍ର ସରକାରୀ ରେଫରାଲ ହସ୍ପିଟାଲ। ପ୍ରତିଦିନ ଡାକ୍ତରଖାନାକୁ ପ୍ରାୟ ୪ହଜାର ରୋଗୀ ଆସିଥାନ୍ତି। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପୁରୁଣା ଇନ୍‌ଡୋର କୋଠାରେ ଥିବା ସମସ୍ତ ବିଭାଗକୁ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ନୂତନ କୋଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ କାର୍ଯ୍ୟକ୍ଷମ ଥିବା ବେଳେ ପିଏମ୍‌ଆର୍ କୋଠାରେ ଡାଇଗ୍ନୋଷ୍ଟିକ୍ କୋଠା, କାଜୁଆଲିଟି, ମେଡିସିନ, ସର୍ଜରୀ ଓ ଅସ୍ଥିଶଲ୍ୟ ପ୍ରଭୃତି ବିଭାଗ ପାଇଁ ନୂତନ କୋଠା କାର୍ଯ୍ୟକ୍ଷମ ରହିଛି। ନୂତନ କୋଠାରେ ରୋଗୀଙ୍କ ଶଯ୍ୟା ନିକଟକୁ ପାଇପ୍ ଜରିଆରେ ଅକ୍ସିଜେନ ଯୋଗାଣ ହେଉଛି। କିନ୍ତୁ ତାହା ସେହି ପୁରୁଣା ଢାଞ୍ଚାରେ ସିଲିଣ୍ଡର୍ ଜରିଆରେ ମେଡିଫୋଲ୍ଡ ରୁମ ଦେଇ ଅକ୍ସିଜେନ ଆସୁଛି। ୨୦୧୭ରେ ଡାକ୍ତରଖାନାର କେବଳ ସୁପରସ୍ପେଶିଆଲିଟି କୋଠା ପାଇଁ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ଟେଣ୍ଡର୍ ପ୍ରକ୍ରିୟା ମଧ ଆରମ୍ଭ ହୋଇଥିଲା। କିନ୍ତୁ ତାହା ଅଧାରେ ବନ୍ଦ ହୋଇ ଯାଇଥିଲା। ଏବେ ପିଏମ୍‌ଏସ୍‌ଏସ୍‌ୱାଇରେ ପ୍ରାୟ ୧୫୦କୋଟି ଟଙ୍କା ବ୍ୟୟରେ ନୂତନ ସୁପରସ୍ପେଶିଆଲିଟି ବ୍ଲକ ତିଆରି ହୋଇଛି। ଏବେ ମେଡିକାଲର ପ୍ରତ୍ୟେକ କୋଠା ଅକ୍ସିଜେନ ପ୍ଲାଣ୍ଟରୁ ଅକ୍ସିଜେନ ଯୋଗାଣ ପାଇଁ ଯୋଜନା ହୋଇଛି। ବର୍ତ୍ତମାନ ସିଲିଣ୍ଡର୍ ଜରିଆରେ ମେଡିଫୋଲ୍ଡ ରୁମ ଦେଇ ଅକ୍ସିଜେନ ଯୋଗାଣ ହେଉଥିବା ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା ଘଣ୍ଟଯାତ୍ରା ଆନ୍ଦୋଳନ ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଥିଲେ। ସେହିପରି ବରିଷ୍ଠ ଶିକ୍ଷାବିତ ପ୍ରଫେସର ଜୟନ୍ତ ମହାପାତ୍ର ମଧ ଏହି ପ୍ରସଙ୍ଗ ଉପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି।

# ଗଞ୍ଜାମର ୧୨.୩୫ ଲକ୍ଷଙ୍କ ହେଲାଣି ଅକ୍ସିଜେନସ୍ତର ଯାଞ୍ଚ

ଛତ୍ରପୁର,୧୨।୯(ଡି.ଏନ.ଏ.)


କରୋନା ଟେଷ୍ଟ ଚାଲିଛି।

ଗଞ୍ଜାମ ଜିଲ୍ଲାରେ ୮ ତାରିଖରୁ ଅକ୍ସିଜେନସ୍ତର ଯାଞ୍ଚ କ୍ୟାମ୍ପେନ ଚାଲିଛି। ପ୍ରତି ଘରକୁ ଟିମ ଯାଇ ପରିବାରର ସମସ୍ତ ସଦସ୍ୟଙ୍କ ଅକ୍ସିଜେନସ୍ତର ଯାଞ୍ଚ କରାଯାଉଛି । ଏହାଦ୍ୱାରା କରୋନା ଲକ୍ଷଣ ଥିବା ବ୍ୟକ୍ତି ଚିହ୍ନଟ ହୋଇପାରିବେ ବୋଲି ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଟୁଇଟ୍ କରି ସୂଚନା ଦେଇଛନ୍ତି । ଶୁକ୍ରବାର ଦିନକରେ ଜିଲ୍ଲାର ୪ ଲକ୍ଷ ୧୯ ହଜାର ୦୬୭ ଜଣଙ୍କ ଅକ୍ସିଜେନସ୍ତର ଯାଞ୍ଚ ହୋଇଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମର ୧୨ ଲକ୍ଷ ୩୫ ହଜାର ୭୪୦ ଜଣଙ୍କ ଅକ୍ସିଜେନସ୍ତର ଯାଞ୍ଚ କରାଗଲାଣି । ଏହି ଯାଞ୍ଚ ପରେ ୯୯ ଜଣଙ୍କ ଅକ୍ସିଜେନସ୍ତର ନିର୍ଦ୍ଧାରିତଠାରୁ କମ ରହିଥିବା ଜଣାପଡିଛି। ୩୧୨ ମେଡିକାଲ ତତ୍ତ୍ୱାବଧାନରେ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାଦ୍ୱାରା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ ସହ ଠିକ୍ ସମୟରେ ଚିକିତ୍ସା କରାଯାଇପାରିବ ବୋଲି କୁହାଯାଇଛି । ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀଙ୍କୁ ହସ୍ପିଟାଲକୁ ନେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ବିଶେଷକରି ଏହି ଯାଞ୍ଚ ଦ୍ୱାରା ଗର୍ଭବତୀ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ରୋଗରେ ପୀଡିତଙ୍କ ସୁବିଧା ହୋଇପାରିବ ବୋଲି କୁହାଯାଇଛି। ଶନିବାର ଜିଲାପାଳ ଆଉ ଏକ ଟୁଇଟ୍ କରି ସୂଚନା ଦେଇଛନ୍ତି, ଗଞ୍ଜାମରେ ନୂଆ ୫୮ପଜିଟିଭ ଚିହ୍ନଟ ହୋଇଛନ୍ତି । ସେଥିରେ ୫ କରୋନା ଯୋଦ୍ଧା ରହିଛନ୍ତି। ଅପରପକ୍ଷରେ ୧୫୭ କରୋନାରୁ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୧୯ ହଜାର ୧୨୫ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେଥିରୁ ୧୮ ହଜାର ୩୬୧ ସୁସ୍ଥ ହୋଇଛନ୍ତି, ଯାହାକି ୯୬ ପ୍ରତିଶତ ରହିଛି । ଗଞ୍ଜାମରେ ୫୪୨ କରୋନା ଆକ୍ରାନ୍ତ ଆକ୍ଟିଭ ଅଛନ୍ତି । ଏଥିସହ କରୋନାରେ ୨୧୪ ଜଣଙ୍କ ମୃତୁ ହୋଇଛି । ଅଣ କୋଭିଡ୍‌ରେ ୮ ଜଣଙ୍କ ମତ୍ୟୁ ହୋଇଛି । ଶୁକ୍ରବାର ଦିନକରେ ୫ ହଜାର ୪୩୯ ଜଣଙ୍କ କରୋନା ଟେଷ୍ଟ କରାଯାଇଛି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଗଞ୍ଜାମରେ ୩ ଲକ୍ଷ ୩୪ ହଜାର ୭୭୩ କରୋନା ଟେଷ୍ଟ ହୋଇଛି ।

**୩.୩୪ ଲକ୍ଷ କରୋନା ଟେଷ୍ଟ**

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

କୋରାପୁଟ,୧୨।୯,(ସ୍ୱ.ପ୍ର.)-କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ସାପକାମୁଡାରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ବୈପାରିଗୁଡା ବ୍ଲକ ଲକ୍ଷ୍ମୀପୁର ଗ୍ରାମର ଦୁର୍ଯୋଧନ ମାଛ(୨୫)। ପ୍ରକାଶ ଯେ ଦୁଇ ଦିନ ତଳେ ଦୁର୍ଯ୍ୟୋଧନଙ୍କୁ ଏକ ଅବସ୍ଥାରେ ଏକ ବିଷଧର ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

### କୁଷ୍ଠ ରୋଗୀଙ୍କୁ ସହାୟତା

ମାଥିଲି,୧୨।୯(ଡି.ଏନ୍.ଏ.)- ମାଥିଲି ବ୍ଲକ କାର୍ଯ୍ୟାଳୟରେ ଶନିବାର ୬ ଜଣ କୁଷ୍ଠରୋଗୀଙ୍କୁ କମ୍ବଳ, ଛତା ଓ ଅନ୍ୟ ସାମଗ୍ରୀ ସହ ୫୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି। ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମାଥିଲି ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ବିଡିଓ ଆଶିଷ ଭୋଇ, ଜିଲା ପରିଷଦ ସଭ୍ୟ ବାଲାରାଜୁ କପେ, ସ୍ମୃତିରଞ୍ଜନ, ବିଏସ୍ଏସ୍ଓ ଜ୍ୟୋତ୍ସ୍ନାରାଣୀ ପାତ୍ର ଉପସ୍ଥିତ ଥିଲେ।

### ଜଳିଗଲା ଦୋକାନ

କୋରୁକୋଣ୍ଡା, ୧୨।୯(ଡି.ଏନ୍.ଏ.)- ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ପୋଟରେଲ ଛକରେ ଥିବା ଏକ ଦୋକାନ ଗୃହରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ଫଳରେ ଦୋକାନୀ ରାଜୁ ପାଙ୍ଗୀଙ୍କ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ବିକ୍ରି ହେବା ପାଇଁ ଦୋକାନରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖାଯାଇଥିଲା। ତେବେ କୌଣସି କାରଣରୁ ଏହି ପେଟ୍ରୋଲ ଡବାରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକ ଓ କୋରୁକୋଣ୍ଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ଡାବୁଗାଁ, ୧୨।୯(ଡି.ଏନ୍.ଏ)- ଡାବୁଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ସାମାଜିକ ଦୂରତା ରକ୍ଷା କରିବା ସହ ମୁହଁରେ ମାସ୍କ ବାନ୍ଧି ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀ ମାନଙ୍କୁ ଗୃହର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଡାବୁଗାଁ ପଞ୍ଚାୟତର ୪୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିରେ ଡାବୁଗାଁ ସରପଞ୍ଚ ଯଶୋଦା ସୌରା, ନାଏବ ସରପଞ୍ଚ ପାପନ୍ନା ରେଲି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର,ଏମ୍ପି ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଗ୍ରାମରୋଜଗାର ସେବକ ସନ୍ତୋଷ କୁମାର ମହାନ୍ତି, ଅଶୋକ ସୌରା ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ସାର ନ ମିଳିଲେ ଆନ୍ଦୋଳନ ଚେତାବନୀ

ପଡିଆ, ୧୨।୯(ଡି.ଏନ୍.ଏ.)



ମହାମାରୀ କରୋନା ସମସ୍ତଙ୍କ ଜୀବନ ଜୀବିକା ଉଜାଡି ସାରିଛି। ବାହାରେ କାମ କରୁଥିବା ଅନେକ ଲୋକ ଏବେ ବେରୋଜଗାର। ସମସ୍ତେ ନିଜ ଭିଟାମାଟିକୁ ଫେରିଆସି ଚାଷ ମୁହଁ ହୋଇଛନ୍ତି। ଠିକ୍ ସମୟ ବର୍ଷାର ନ ହେବା, ଓ ବନ୍ୟା ଭଳି ପରିସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହାପରେ ବୋଝ ଉପରେ ନଳିତା ବିଡା ଭଳି ଅଞ୍ଚଳରେ ସାର ଅଭାବ ଏବେ ଚାଷୀଙ୍କ ସମସ୍ୟାକୁ ବଢାଇଛି। ଚାଷରୁ ଯାହା କିଛି ଆୟ କରି ପରିବାର ଚଳାଇବା କଥା ଭାବିଥିବା କୃଷକ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଜଲଦି ସାର ବ୍ୟବସ୍ଥା ନ ହେଲେ ଚାଷୀ ଆନ୍ଦୋଳନ କାରାଯିବ ବୋଲି ମାଲକାନଗିରି ଜିଲା ସୀମାନ୍ତ ପଡିଆ ବ୍ଲକ ସିମିଳିଦାଞ୍ଜା ପଞ୍ଚାୟତର କୃଷକମାନେ କହିଛନ୍ତି।

ଖରିପ ଫସଲ ପାଇଁ ବ୍ୟାଙ୍କ ଏବଂ ଲ୍ୟାମ୍ପସରୁ ଚାଷୀ ଋଣ ଆଣିଛି। ଏହା ମଧ୍ୟରେ ଚଳିତ ବର୍ଷ ମାଲକାନଗିରିରେ ହୋଇଥିବା ବନ୍ୟା ଯୋଗୁ ଅଞ୍ଚଳର ଶହ ଶହ ହେକ୍ଟର ଜମିରେ ପାଣି ପଶି ଧାନ ଗଛ ନଷ୍ଟ ହୋଇଯାଇଛି। ଯାହାବି ଗଛ ରହିଛି ସାର ଅଭାବରୁ ମରିବାକୁ ଲାଗିଲାଣି। ଚଳିତ ବର୍ଷ ଖରିପ ଚାଷ ପାଇଁ କୌଣସି ସାର ଔଷଧ ପ୍ରଶାସନ ପକ୍ଷରୁ ମିଳୁ ନ ଥିବାରୁ ଚାଷ କାମରେ ବାଧା ସୃଷ୍ଟି ହେଉଛି। ଅଞ୍ଚଳର ଚାଷୀମାନେ ପ୍ରାୟ କୋଡିଏରୁ ପଚିଶ କି.ମି. ଅଟୋ ଭଡା କରି ପଡିଆ ସଦର ମହକୁମାସ୍ଥିତ ଥିବା ଲ୍ୟାମ୍ପସ ଅଫିସକୁ ସାର ପାଇଁ ବାରମ୍ବାର ଯାଇ ଫେରୁଛନ୍ତି। କିନ୍ତୁ ସେଠାରେ ସାର ମିଳୁନି। ଚାଷୀମାନଙ୍କ ସୁବିଧା ପାଇଁ ନିଜ ପଞ୍ଚାୟତର ଏମ୍ଭି ୬୦ଗାଁରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟ କରାଯାଇ ଏକ ଗୋଦାମ ଗୃହ କରାଯାଇଛି। ସେଠାରେ କିନ୍ତୁ ସାର ରଖାଯାଇନାହିଁ। ଜଣେ ସ୍ଥାନୀୟ ବ୍ୟବସାୟୀ ତାହା ମଧ୍ୟରେ ସିମେଣ୍ଟ ରଖି ବ୍ୟବସାୟ କୁରଥିବା ଚାଷୀ ଅଭିଯୋଗ କରିଛନ୍ତି। ଉକ୍ତ ଗୋଦାମ ଗୃହରେ ସାର ରଖାଯାଇ ଚାଷୀଙ୍କୁ ଠିକ୍ ସମୟରେ ପ୍ରଦାନ କରାଯାଉ ବୋଲି ଚାଷୀମାନେ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସିମିଳିଦାଞ୍ଜା ପଞ୍ଚାୟତର ୧୪ ଗାଁର ଚାଷୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚାଷୀ ଅମରନାଥ ସରକାର, ପଦ୍ମଲୋଚନ ବେଟି, ଇମି ମାଡକାମି, ନିତ୍ୟାନନ୍ଦ ବିଶ୍ୱାସ, ପଦିଆ ବେଟି, ମାଧବ ପାଲ, ବିକାଶ ମଣ୍ଡଳ, ସୁଷମା ସରକାର, ଆରତି ସରକାର, ରାଜିବ ସରକାର, ଭୀମସେନ୍ ତେଲାମ, ବାସୁଦେବ ସରକାର, ମିଳନ ରାୟ, ନିରଞ୍ଜନ ବିଶ୍ୱାସ, ରାଜା ପଡିଆମି, ଗଙ୍ଗା ମାଡକାମି, ପ୍ରମଥ ରାୟ କହିଛନ୍ତି। ଏନେଇ ପଡିଆ ଲ୍ୟାମ୍ପ୍ସ ଏମ୍.ଡି. ସୁଧା ରାଜେନ୍ଦ୍ର ପ୍ରସାଦଙ୍କୁ ପଚାରିବାରୁ ସେ କହିଛନ୍ତି ଉକ୍ତ ପଞ୍ଚାୟତ ଚାଷୀମାନେ ଲ୍ୟାମ୍ପ୍ସରୁ ଋଣ ପ୍ରତ୍ୟେକ ବର୍ଷ ଉଠାଉଛନ୍ତି। ଋଣ ପୈଠ କରୁନାହାନ୍ତି। ଏହି କାରଣରୁ ତାଙ୍କ ପଞ୍ଚାୟତରେ ଚଳିତ ବର୍ଷ ସାର ବଣ୍ଟା ଯାଇନାହିଁ । ସେମାନେ ଲ୍ୟାମ୍ପ୍ସରୁ ସାର ନେଉଛନ୍ତି। ଯଥେଷ୍ଟ ପରିମାଣର ସାର ବ୍ଲକକୁ ଅଣାଯାଇ ପାରୁନି। ଯାହାବି ଆସୁଛି ପ୍ରତ୍ୟେକ ପଞ୍ଚାୟତକୁ ସମାନଭାବେ ବଣ୍ଟାଯାଉଛି। କିଛି ଦିନ ଭିତରେ ସାର ଆସିବ। ପରେ ବଣ୍ଟାଯିବ ବୋଲି ସେ କହିଛନ୍ତି।

**ପଡିଆ ବ୍ଲକ ସିମିଳିଦାଞ୍ଜା ପଞ୍ଚାୟତରେ ସାର ଅଭାବ**

# ଚଳିତ ବର୍ଷ ପୂଜା ପାଇବେନି ସୁଉଚ୍ଚ ପ୍ରତିମା

କୋରାପୁଟ,୧୨।୯(ସ୍ୱ.ପ୍ର.)

**ପୂଜା ପାଇଁ ଗାଇଡ୍‌ଲାଇନ ଜାରି**
- ବିନା ଭକ୍ତରେ କରାଯିବ ପୂଜା
- ନିରାଡମ୍ବର ହେବ ବିସର୍ଜନ

ପୂଜା ପାଇଁ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋଭିଡ ପାଇଁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଧାର୍ମିକ ଅନୁଷ୍ଠାନ ବନ୍ଦ ରହିବ। ତେଣୁ ଆଗକୁ ହେବାକୁ ଥିବା ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ପାଇଁ ସଜିଲା ପ୍ରଶାସନ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି। କୋରାପୁଟ ଜିଲାରେ ଚଳିତ ବର୍ଷ ପୂଜା ଇନ୍‌ଡୋରରେ କରିବା ପାଇଁ ଅନୁମତି ରହିଛି। ପୂଜା ମଣ୍ଡପର ୩ ପଟ ବନ୍ଦ ରଖିବା ସହ କୌଣସୀ ବ୍ୟକ୍ତି ଯେପରି ଭିତରକୁ ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ସେହିଭଳି ମୂର୍ତ୍ତିମାନଙ୍କର ଉଚ୍ଚତା ୪ଫୁଟରୁ କମ ରଖିବାକୁ ନିର୍ଦ୍ଦେଶ ରହିଛି। ପୁଜା ମଣ୍ଡଗୁଡିକରେ ୭ଜଣ କମିଟି ସଦସ୍ୟରୁ ଅଧିକା ରହିପାରିବେ ନାହିଁ। କୋଭିଡ୍ ନିୟମ ଅନୁଯାୟୀ ପୁଜା ମଣ୍ଡପରେ ସାମାଜିକ ଦୁରତା, ମାସ୍କ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ଭସାଣି ପାଇଁ ସ୍ଥାନୀୟ ପ୍ରଶାସନର ଅନୁମତିରେ କୃତ୍ରିମ ପୋଖରୀ ଖୋଳି ଭସାଣି କରାଯିବ। ଭସାଣୀ ସମୟରେ କୌଣସୀ ପ୍ରକାର ବାଦ୍ୟଯନ୍ତ୍ର, ଶୋଭାଯାତ୍ରା ଏବଂ ମୋନରଞ୍ଜନ କାର୍ଯ୍ୟକ୍ରମ କରାଯିବ ନାହିଁ। କେହି ଏଥିରେ ଖିଲାପ କଲେ ସମ୍ପୃକ୍ତ ପରିଚାଳନା କମିଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମଧୁସୁଧନ ମିଶ୍ର ଗାଇଡ୍ ଲାଇନରେ ଉଲ୍ଲେଖ କରିଛନ୍ତି। ଏହି ଗାଇଡଲାଇନ ଠିକ ଭାବେ ପାଳନ ହେଉଛି କି ନାହିଁ ସେ ନେଇ ଉଭୟ କୋରାପୁଟ ଓ ଜୟପୁର ଉପଜିଲାପାଳଙ୍କୁ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# କର୍ଚ୍ଚାମାଳ ଏସ୍ଏସ୍ଡି ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

ନବରଙ୍ଗପୁର,୧୨।୯(ବି.ପ୍ର.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କର୍ଚ୍ଚାମାଲ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ନିଲମ୍ବିତ ହୋଇଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ୍ କରାଇବା ପାଇଁ ଛାତ୍ରୀମାନଙ୍କଠାରୁ ୧ ହଜାରରୁ ୧୮ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଥିବା ନେଇ ଅଭିଭାବକ ମାନେ ନବରଙ୍ଗପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଆଦେଶ ଅନୁଯାୟୀ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ତଦନ୍ତ କରିଥିଲେ। ସେ ତାଙ୍କ ତଦନ୍ତ ରିପୋଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ତଦନ୍ତ ରିପୋର୍ଟକୁ ଆଧାରକରି ରାଜ୍ୟ ସରକାରଙ୍କ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ ପରେ ସେ ନବରଙ୍ଗପୁରସ୍ଥିତ ମଙ୍ଗଳ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି।

# ହାଟ ବନ୍ଦ କରିବାକୁ ଜିଲାପାଳଙ୍କୁ ଦାବିକଲେ ୭ ସରପଞ୍ଚ

କୋରାପୁଟ,୧୨।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ କୋରନାର ସଂକ୍ରମଣକୁ ଦୃଷ୍ଟିରେ ରଖି କାକିରିଗୁମ୍ମା ସାପ୍ତାହିକ ହାଟକୁ ବନ୍ଦ କରିବା ଦାବି ନେଇ ଶନିବାର ଲକ୍ଷ୍ମୀପୁର ବ୍ଲକର ୭ ସରପଞ୍ଚ ଜିଲାପାଳଙ୍କୁ ମଧୁସୂଦନ ମିଶ୍ରଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। କିଛି ଦିନ ହେଲା କାକିରିଗୁମ୍ମା ଅଞ୍ଚଳରେ କରୋନା ପଜିଟିଭଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି। ତେଣୁ ସୋମବାର ହେଉଥିବା କାକିରିଗୁମ୍ମା ସାପ୍ତାହିକ ହାଟକୁ ବନ୍ଦ କରିବା ନେଇ କାକିରିଗୁମ୍ମା, ଗୌଡଗୁଡା, ପଞ୍ଚଡା, ତୁନପାର, କସୁମୁଗୁଡା ପଞ୍ଚାୟତ ସରପଞ୍ଚ ଦାବି କରିଛନ୍ତି। ସାପ୍ତାହିକ ହାଟ ଯୋଗୁ ହଜାର ହଜାର ଲୋକ ଦୁରଦୁରାନ୍ତରୁ କାକିରିଗୁମ୍ମାକୁ ଆସୁଛନ୍ତି। ସୋମନେ ମାସ୍କ ନ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ଫଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି କାକିରିଗୁମ୍ମାର ମା' ବଡଦେବତା ବଣିକ ସଂଘ ପକ୍ଷରୁ ସକାଳ ୭ରୁ ଅପରାହ୍ନ ୨ଟା ଯାଏ ସମସ୍ତ ଦୋକାନ ବଜାର ଖୋଲିବା ନେଇ ସ୍ଥାନୀୟ ଥାନାରେ ଏକ ଦାବିପତ୍ର ଦେଇଛନ୍ତି।



ସରପଞ୍ଚମାନେ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ର।

# ମାଲକାନଗିରିରେ ୨୭୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

ମାଲକାନଗିରି, ୧୨।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶନିବାର ୨୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୨୬ ଜଣଙ୍କ ମଧ୍ୟରୁ ମାଲକାନଗିରି ପୌର ପରିଷଦରୁ ୫, ବାଲିମେଳା ବିଜ୍ଞାପିତ ଅଞ୍ଚଳରୁ ୧, ମାଲକାନଗିରି ବ୍ଲକରୁ ୩, କାଲିମେଳା ବ୍ଲକରୁ ୨, ଖଇରପୁଟ ବ୍ଲକରୁ ୧, ଚିତ୍ରକୋଣ୍ଡା ବ୍ଲକର ୧୪ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ତେବେ ଶନିବାର ଚିହ୍ନଟ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ କୋଭିଡ୍ ପଜିଟିଭଙ୍କ ସଂଖ୍ୟା ୨୭୨୦ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୨୪୮୫ ଜଣ ସୁସ୍ଥ ହୋଇଛନ୍ତି। ୨୨୭ ଜଣ ଚିକିତ୍ସିତ ହେଉଥିବାବେଳେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଗଞ୍ଜେଇ ଚାଲାଣ ବେଳେ ଧରାପଡିଲେ ୨ ଜଣ

ନବରଙ୍ଗପୁର,୧୨।୯(ବି.ପ୍ର.)

କୋରାପୁଟ ଜିଲାରୁ ବାଇକ ଯୋଗେ ନବରଙ୍ଗପୁର ଦେଇ ଛତିଶଗଡକୁ ଗଞ୍ଜେଇ ଚାଲାଣବେଳେ ସ୍ଥାନୀୟ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ପୋଲିସ ୮କେଜି ଗଞ୍ଜେଇ ଜବତ କରିଛି।

ଗଞ୍ଜେଇ ଚାଲାଣ ଖବରପାଇ ପୋଲିସ ଇନ୍ଦ୍ରାବତୀ ନଦୀ ନିକଟରେ ଜଗି ରହିଥିଲା। ଏକ ବାଇକରେ ୨ ଜଣ ଯୁବକ ଆସିବାବେଳେ ପୋଲିସ ସେମାନଙ୍କୁ କାବୁ କରି ଗାଡି ଓ ଗଞ୍ଜେଇ ଜବତ କରିଛି। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି। ପ୍ରକାଶ ଯେ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ରାକେଶ ବେହେରା ଓ ଷ୍ଟାଫ ଏହି ଚଢାଉରେ ଭାଗ ନେଇଥିଲେ। ଗଞ୍ଜେଇ ଚାଲାଣ ମାମଲାରେ ଗତ ୧ ମାସ ମଧ୍ୟରେ ନବରଙ୍ଗପୁର ଥାନା ପୋଲିସ ଗୋଟିଏ ଟ୍ରକ, ୪ କାର ଜବତ କରିବା ସହ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଛି।

# ୩୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି ୧୨।୯(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ଗାଡି।

ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ଗୋବିନ୍ଦପାଲ୍ଲୀ ଫରେଷ୍ଟ ଚେକ୍ ଗେଟ ନିକଟରେ ମାଥିଲି ପୋଲିସ ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ଭଗବାନପୁର ଝାରଲଦି ଗ୍ରାମର ସଞ୍ଜୟ ରାୟ (୪୫)। ଏ ନେଇ ଶନିବାର ମାଲକାନଗିରି ଏସ୍ପି ରିସିକେଶ୍ ଡି ଖିଲାରି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ଦିନ ରାତି ପ୍ରାୟ ୮.୩୦ରେ ମାଥିଲି ଏସ୍ଆଇ ଆର୍.କେ. ସେଠୀଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନେ ଗୋବିନ୍ଦପାଲ୍ଲୀ ଫରେଷ୍ଟ ଚେକ୍ ଗେଟ୍ ନିକଟରେ ପାଟ୍ରୋଲିଂ ଓ ଗାଡି ତଲାସି କରୁଥିଲେ। ଏହି ସମୟରେ ଏକ ପିକ୍ଅପ୍ ଗାଡିକୁ ଦେଖି ତାହାକୁ ସେମାନେ ଅଟକାଇଥିଲେ। ଗାଡି ପଛପଟେ ଥିବା ବସ୍ତାଗୁଡିକୁ ଯାଞ୍ଚ କରିବାର ସେଥିରେ ଗଞ୍ଜେଇ ମିଳିଥିଲା। ପୋଲିସ ଗାଡି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଓଜନ ୧୩୨୦ କେଜି ୭୦୦ ଗ୍ରାମ ବୋଲି ପୋଲିସ କହିଛି। ଯାହାର ମୂଲ୍ୟ ୩୫ ଲକ୍ଷ ହେବ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ଏକ ହଜାର ଟଙ୍କା ପୋଲିସ ଜବତ କରିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ତଣ୍ଟି କାଟି ମହିଳାଙ୍କୁ ହତ୍ୟା

ଭଞ୍ଜନଗର,୧୨।୯(ଡି.ଏନ.ଏ)

ଭଞ୍ଜନଗର ଥାନା ଅନ୍ତର୍ଗତ କଇଣ୍ଡିରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ଖବର ଲେଖାହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ । ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୃକ୍ତ ଅଂଚଳରେ ଆତଙ୍କ ଖେଳିଯାଇଛି। ମହିଳାଙ୍କ ତଣ୍ଟିକୁ ଦୁର୍ବୃତ୍ତମାନେ କାଟି ଅମାନୁଷିକ ଭାବେ ହତ୍ୟା କରିବା ପରେ ଫେରାର ହୋଇଯାଇଛନ୍ତି। ପୁର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ତାଙ୍କୁ ଗିରଫ ପାଇଁ ଚେଷ୍ଟା ଚଳାଇଛି। ଏନେଇ ଥାନା ଅଧିକାରୀ ସୁଦିପ୍ତ ସାହୁଙ୍କ ମତାମତ ନେବାପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ସେ ଫୋନ ନଉଠାଇବାରୁ ତାଙ୍କର ମତାମତ ନିଆଯାଇ ପାରିନାହିଁ ।

# କୋରାପୁଟ ଜିଲାରୁ ୯୭ ପଜିଟିଭ

କୋରାପୁଟ,୧୨।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବର୍ତ୍ତମାନ କରୋନା ବେକାବୁ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ କଟକଣା ସତ୍ତ୍ୱେ କରୋନା ଥମିବାର ନାଁ ନେଉନି। ଶନିବାର ଜିଲାରୁ ଆଉ ୯୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬୩୨କୁ ବୃଦ୍ଧି ପାଇଛି। ଚିହ୍ନଟ ୯୭ ଜଣଙ୍କ ମଧ୍ୟରେ ଜିଲାର ୪ ପୌରଅଞ୍ଚଳରୁ ୪୯ ଜଣ ରହିଛନ୍ତି। ଜୟପୁର ମ୍ୟୁନିସପାଲଟିରୁ ୯ , କୋରାପୁଟ ମୁନିସପାଲଟିରୁ ୧୦, ସୁନାବେଡା ମୁନିସପାଲଟିରୁ ୧୫ ଓ କୋଟପାଡ ଏନ୍ଏସିରୁ ୧୫ ଜଣ ରହିଛନ୍ତି। ସେହିପରି ଗ୍ରାମାଞ୍ଚଳରୁ ଚିହ୍ନଟ ହୋଇଥିବା ୪୮ଜଣଙ୍କ ମଧ୍ୟରେ କୋରାପୁଟ ବ୍ଲକରୁ ୨, ବନ୍ଧୁଗାଁରୁ ୧, ବୋରିଗୁମ୍ମାରୁ ୪, ବୈପାରିଗୁଡା ବ୍ଲକରୁ ୫, ଦଶମନ୍ତପୁରରୁ ୩ , ଜୟପୁର ବ୍ଲକରୁ ୪ , କୋଟପାଡରୁ ୬, କୁନ୍ଦ୍ରାରୁ ୪, ଲକ୍ଷ୍ମୀପୁରରୁ ୭, ନାରାୟଣପାଟଣାରୁ ୧, ପଟ୍ଟାଙ୍ଗୀରୁ ୯ ଏବଂ ସେମିଳିଗୁଡା ବ୍ଲକରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି।

# ୪ କୋଭିଡ୍ ଯୋଦ୍ଧାଙ୍କ ସମେତ ୭୫ ଆକ୍ରାନ୍ତ

ରାୟଗଡ଼ା ଅଫିସ,୧୨।୯–

ରାୟଗଡ଼ା ଜିଲାରୁ ଶନିବାର ୭୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାଦନଙ୍କ ମଧ୍ୟରେ ପୁରୁଷ ୪୨ ଓ ମହିଳା ୩୩ ଜଣ ରହିଛନ୍ତି। ରାୟଗଡ଼ା ଅରବାନରୁ ୨୩ , ଚନ୍ଦ୍ରପୁରରୁ ୯, ପଦ୍ମପୁରରୁ ୮, ରାୟଗଡ଼ା ରୁରାଲରୁ ୮, କାଶୀପୁରରୁ ୭, କଲ୍ୟାଣସିଂହପୁରରୁ ୬, ବିଷମକଟକରୁ ୪, ଗୁଣୁପୁର ରୁରାଲରୁ ୩, ମୁନିଗୁଡ଼ାରୁ ୩, ଗୁଣୁପୁର ଅରବାନରୁ ୨, କୋଲନରାରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ଶନିବାର ସୁଦ୍ଧା ୫୯୮୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୧୩୫ ଜଣ ସୁସ୍ଥ ହୋଇଗଲେଣି। ୮୨୧ ଜଣ ଜିଲାର ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି।

# ଲୋକଅଦାଲତରେ ୧୧୫ ମାମଲାର ସମାଧାନ

ରାୟଗଡ଼ା ଅଫିସ/ଜୟପୁର, ୧୨।୯(ଡି.ଏନ.ଏ )

କୋରାପୁଟ ଓ ରାୟଗଡ଼ା ଜିଲାରେ ଇ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲାରେ ୪୫ ଓ ରାୟଗଡ଼ାରେ ୭୦ଟି ମାମଲା ଫଇସଲା କରାଯାଇଛି। କୋରାପୁଟ ଜିଲା ସହର ମହକୁମା ଜୟପୁର ଜିଲା କୋର୍ଟରେ ମାଇକ୍ରୋସ୍ତରୀୟ ଇ–ଲୋକ ଅଦାଲତ ଶନିବାର ଆୟୋଜିତ ହୋଇଥିଲା। ଅନ୍‌ଲାଇନ୍‌ରେ ମାମଲାଗୁଡିକର ଶୁଣାଣି କରାଯାଇଥିଲା। ୫୯୭ଟି ମାମଲାରୁ ୪୫ଟିର ଫଇସଲା କରାଯାଇ ୯୦ଲକ୍ଷ ୨୦ ହଜାର ୮୦୮ ଟଙ୍କା ସ୍ଥିରିକୃତ ହୋଇଥିଲା। ଏଥିରେ ଜିଲା ଜଜ୍ ତଥା ଆଇନସେବା ପ୍ରାଧୀକରଣ ଅଧକ୍ଷ ବିମଳ ଚାନ୍ଦ, ଅତିରିକ୍ତ ଜିଲା ଜଜ୍ ରାଜକିଶୋର ଲେଙ୍କା, ପରିବାର କୋର୍ଟ ବିଚାରପତି ଦିଗାମ୍ବର ପୃଷ୍ଟି, ବରିଷ୍ଠ ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ଏସ୍ଡିଜେଏମ୍ ଜନ୍ମେଜୟ ପଲେଇ, ଜେଏମ୍ଏଫ୍‌ସି ଭାନୁପ୍ରତାପ ମିଶ୍ର, ସୁନିଳା ମିଶ୍ର, ସୁନିତା ମିଶ୍ର ମାମଲା ପରିଚାଳନା କରିଥିଲେ। ଆଇନସେବା ପ୍ରାଧୀକରଣର ସଚିବ ଶୁଭଗୌତମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ଦାଶରଥୀ ପଟ୍ଟନାୟକ, ବୀରେଶ ପଟ୍ଟନାୟକ, ସୁନୀଲ ମହାନ୍ତି, ସୁବାସ ପଣ୍ଡା, ଲାଲମୋହନ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ଡି. ଶେଷଗିରି ରାଓ ପ୍ରମୁଖ ଏଥିରେ ସହାୟତା କରିଥିଲେ।

ସେହିଭଳି ରାୟଗଡ଼ା ଜିଲା ଆଇନ ସେବା ପ୍ରାଧୀକରଣ ତତ୍ତ୍ୱାବଧାନରେ ଭିଡିଓ କନ୍‌ଫରେନ୍ସିଂରେ ଅନୁଷ୍ଠିତ ଇ ଲୋକ ଅଦାଲତ କାର୍ଯ୍ୟକ୍ରମରେ ୭୦ ମାମଲାର ଫଇସଲା କରାଯାଇଛି। ଗୁଣପୁର, ରାୟଗଡ଼ା ବିଷମକଟକ କୋର୍ଟରେ ପଡିଥିବା ବିଭିନ୍ନ ମାମଲାରେ ଜରିମାନା ବାବଦକୁ ୧,କୋଟି ୮୧ଲକ୍ଷ ୩୧ହଜାର ୬୩୨ ଟଙ୍କା ସ୍ଥିର କରାଯାଇଛି। ଲୋକ ଅଦାଲତରେ ଜିଲା ଆଇନ ସେବା ପ୍ରାଧୀକରଣ ର ଅଧକ୍ଷ ତଥା ଜିଲା ଦୌରା ଜଜ୍ ଚିତ୍ତରଞ୍ଜନ ଦାସ , ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ , ଜିଲା ଆଇନ ସେବା ପ୍ରାଧୀକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର , ଅନୁବିଭାଗୀୟ ଦଣ୍ଡାଧିକାରୀ ରାଜେନ୍ଦ୍ର ଦାସ , ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସୀନୀ ବେହେରା ,ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା ଉପସ୍ଥିତ ଥିଲେ। ଜିଲା ଆଇନ ସେବା ପ୍ରାଧୀକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ତଥା ଅନ୍ୟ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ।

# ୩ବର୍ଷ ହେଲାଣି ଭାଙ୍ଗିକି ପଡିଛି ବ୍ରିଜ୍

କାଲିମେଳା,୧୨।୯(ଡି.ଏନ.ଏ)



ଭାଙ୍ଗିଯାଇଥିବା ବ୍ରିଜ୍।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଚିନ୍ତଲୱାଡା ପଞ୍ଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରୋଡ୍ ଏବଂ ଏହା ମଧ ଭାଗରେ ଥିବା ଏକ ବ୍ରିଜ ଅବସ୍ଥା ଶୋଚନୀୟ। ଏହି ରାସ୍ତା ଦେଇ ଯାଉଥିବା ଲୋକମାନେ ବିଭିନ୍ନ ସମୟରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହାକୁ ମରାମତି କରିବାକୁ ଦାବି ହୋଇଛି।

ଗତ ୩ ବର୍ଷ ତଳେ ହୁଡ୍‌ହୁଡ୍ ସମୟରେ ଏହି ବ୍ରିଜଟି ଧୋଇଯାଇଥିଲା। ଏହାର ମରାମତି ପାଇଁ ଅଞ୍ଚଳବାସୀମାନେ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଥିଲେ। କିନ୍ତୁ ଏବେ ଯାଏ ତାହା ମରାମତି ହୋଇପାରିଲା ନାହିଁ। ସେହିଭଳି ରାସ୍ତାରେ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଚାଲି ଚାଲି ଯିବା ମଧ ସମ୍ଭବ ନୁହେଁ। ପ୍ରକାଶ ଯେ, ଗମ୍ପାକୋଣ୍ଡା ମୁଖ୍ୟ କେନାଲରୁ କସଲକୋଣ୍ଡା ପୁରୁଣା ପଞ୍ଚାୟତର ପ୍ରାୟ ଦେଢ କିମି ରାସ୍ତା ବର୍ଷାରେ ଧୋଇଯାଇଛି। ଉକ୍ତ ରାସ୍ତାର ମଧ୍ୟ ଭାଗରେ ୧୫ ମିଟର କସଲକୋଣ୍ଡା ନାଳ ରହିଛି। ଅଳ୍ପ ବର୍ଷାରେ ମଧ କସଲକୋଣ୍ଡା, ସିନ୍ଧିଗୁଡା, ଏମ୍ପିଭି–୧୫ ,ମାଝିଗୁଡା ଭଳି ଅନେକ ପଞ୍ଚାୟତକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡେ। ଉକ୍ତ ରାସ୍ତା ଚିନ୍ତଲୱାଡା, ଗୁମୁକା ପଞ୍ଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟତ କରିପାରନ୍ତି। ତେବେ ଏହି ରାସ୍ତାଟି ୩ ବର୍ଷ ଧରି ମରାମତି ହୋଇ ନ ଥିବାରୁ କସଲକୋଣ୍ଡା,ସିନ୍ଧିଗୁଡା ଏବଂ ନିକଟରେ ଥିବା ଅନ୍ୟ ୬ ଗ୍ରାମର ଶତାଧିକ ଲୋକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଆସେନି। ରୋଗୀମାନଙ୍କୁ ଖଟିଆରେ ବୋହିବାକୁ ପଡିଥାଏ ବୋଲି କସଲକୋଣ୍ଡା ଗ୍ରାମର ୱାର୍ଡମେମ୍ବର ଇର୍ମେ କବାସି, ଚିନ୍ତଲବାଡା ଗ୍ରାମର ସନିଆ ଶବର, ମାଝିଗୁଡା ଗ୍ରାମର ଦେବା ପଡିଆମି କହିଛନ୍ତି। ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀମାନେ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଞ୍ଚାୟତବାସୀ କହିଛନ୍ତି। ସେ ସବୁକୁ ତୁରନ୍ତ ମରାମତି କରିବାକୁ ସେମାନେ ଦାବି କରିଛନ୍ତି।

**ମରାମତି ଦାବି କଲେ ଚିନ୍ତଲୱାଡା ପଞ୍ଚାୟତବାସୀ**

